## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୀଳଗିରି,(ସ୍ୱ.ପ୍ର.)- ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଗୁହିରଣା ଗ୍ରାମର ମିର୍ଜା ମାଝି(୭୦) ଶନିବାର ସକାଳେ ନିକଟସ୍ଥ ଜଙ୍ଗଲକୁ ଜଗିବା ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡିଯାଇଥିଲେ। ଫଳରେ ତାଙ୍କର ବାମ ହାତରେ ସାମାନ୍ୟ ଆଘାତ ହୋଇଥିବା ବେଳେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

## ସଂକ୍ଷେପରେ

ଜମାକାରୀଙ୍କ ଟଙ୍କା ହଡ଼ପ ଅଭିଯୋଗ

### କଣ୍ଟିଆପଡ଼ା ପୋଷ୍ଟ ମାଷ୍ଟର ଗିରଫ

ପାଟଣା,୩।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ଶାଖା ପୋଷ୍ଟ ମାଷ୍ଟରଙ୍କୁ ଶନିବାର ତୁରୁମୁଙ୍ଗା ପୋଲିସ ଗିରଫ କରିଛି। ଗିରଫ ପୋଷ୍ଟ ମାଷ୍ଟର କଣ୍ଟିଆପଡ଼ା ଗ୍ରାମର ଭୈରବ ନାଏକ। ୩ ଶହରୁ ଊର୍ଦ୍ଧ୍ୱ ଜମାକାରୀଙ୍କ ଲକ୍ଷାଧିକ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା।।ସୂଚନା ଅନୁଯାୟୀ, କଣ୍ଟିଆପଡ଼ା, ପୁରୁଣିଆ ଓ ବଲାଣିପଶି ଗ୍ରାମର ଶତାଧିକ ଜମାକାରୀ ପୋଷ୍ଟ ଅଫିସରେ ଫିକ୍ସ ସହ ବିଭିନ୍ନ ଯୋଜନାରେ ଟଙ୍କା ଜମା କରିଥିଲେ। ମାତ୍ର ପୋଷ୍ଟ ମାଷ୍ଟର ଜମାକାରୀଙ୍କ ଖାତାରେ ଟଙ୍କା ଜମା କରି ନ ଥିଲେ। ଏଭଳି କି ଠକେଇ ଶିକାର ହୋଇଥିବା ଜମାକାରୀଙ୍କ ପାସ ବହିକୁ ମଧ ପୋଷ୍ଟ ମାଷ୍ଟର ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜମାକାରୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୮୦/୨୩) ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍ଆଇ ଯମୁନା ମାରାଣ୍ଡି କହିଛନ୍ତି।

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଜଣେ ଗିରଫ

ମୋରଡ଼ା, ୩।୬ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଜଣେ ମୂକ ବଧିର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଘୋଡ଼ାବନ୍ଧା ଖୁଣ୍ଟାପାଳ ଗ୍ରାମର ଲମ୍ବୁଧର ମୁଖୀ। ଗତ ୩୧ ତାରିଖରେ ଲମ୍ବୁଧର ଉକ୍ତ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା।

### ବିଶ୍ୱେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବନ୍ତ, ୩।୬ (ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ପରମାନନ୍ଦପୁରସ୍ଥିତ ନବନିର୍ମିତ ବିଶ୍ୱେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ଦିନ ବ୍ୟାପୀ ଉତ୍ସବର ପ୍ରାରମ୍ଭରେ ଆରଡ଼ି ଧାମରୁ ଆଜ୍ଞାମାଳ ଆସିଥିଲା। ପରେ ବିଭିନ୍ନ ପୂଜା ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପୁରୋହିତ ପଦ୍ମଲୋଚନ ନନ୍ଦ, ପୂଜକ ଜଗନ୍ନାଥ ପାଣିଗ୍ରାହୀ, ଆଖଣ୍ଡଳମଣି ପୀଠରୁ ଆସିଥିବା ପଣ୍ଡା ମନୋରଞ୍ଜନ ପାଢ଼ୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଭୀମସେନ ମହାଲିକଙ୍କ ଦ୍ୱାରା ମନ୍ଦିର ନିର୍ମିତ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### ଚକ୍ରଧରଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୩।୬ (ସ୍ୱ.ପ୍ର.): ଭଦ୍ରକ-ବାଇପାସ୍ ଦୁର୍ଗାପୂଜା କମିଟିର ଆଜୀବନ ସଭାପତି ଥିବା ସାମାଜିକ କର୍ମୀ ସ୍ୱର୍ଗତ ଚକ୍ରଧର ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ବାଇପାସ୍‌ସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ବିଜେଡି ନେତା ରାମଚନ୍ଦ୍ର ସାହୁ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ତପନ ନାୟକ, କୁନି ମହାନ୍ତି, ଯୁବନେତା ଆଶିଷ କୁମାର ରାଉତ, ଶାନ୍ତନୁ ଗୁହ, ଆଇନଜୀବୀ ଧୀରେନ୍ଦ୍ର ରାୟ, ବିଜନ ଜେନା, ଦୀପକ ସାହୁ, ଗଦାଧର ବଳ, ବୁଢ଼ ଘୋଷ, ପ୍ରାକ୍ତନ ବ୍ଲକ ଅଧକ୍ଷ ନାରାୟଣ ସାହୁ, ଭାବତୋଷ ଦାସ, ସୁରେନ୍ଦ୍ର ମୋହନ ରାୟ, ଅଶୋକ ଦ୍ୱିବେଦୀ, ସଞ୍ଜୀବ ଦାସ, ରତିକାନ୍ତ ମଲ୍ଲିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କ୍ଷୁଦ୍ର ଜଳସେଚନ କେନାଲ ନିର୍ମାଣରେ ଜବରଦଖଲ ବାଧକ

କେନ୍ଦୁଝର,୩।୬(ସ୍ୱ.ପ୍ର.)



ନିର୍ମାଣାଧୀନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ।

କେନ୍ଦୁଝର ସଦର ତହସିଲ ରାଇସୁଆଁ ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ କ୍ଷୁଦ୍ର ଜଳସେଚନ ବିଭାଗର ରାଇସୁଆଁ-ଗୋପୀନାଥପୁର-ସିଲସୁଆଁ ମୁଖ୍ୟ କେନାଲ ଜମି ଜବରଦଖଲ ଯୋଗୁ ନୂତନ କେନାଲ ନିର୍ମାଣରେ ବାଧକ ଦେଖାଦେଇଛି। ପ୍ରାୟ ୫୯ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା କେନାଲ ୫ ମେ, ୨୦୨୨ ରେ ଆରମ୍ଭ ହୋଇ ୪ ଏପ୍ରିଲ ୨୦୨୩ ସୁଦ୍ଧା ସରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ଧାର୍ଯ୍ୟ ସମୟସୀମା ସରିଯାଇଥିଲେ ହେଁ କାମ ସରୁ ନ ଥିବାରୁ ଚଳିତ ବର୍ଷ ମଧ ଜମିକୁ ପାଣି ମାଡ଼ିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଫଳରେ ଚାଷୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ରାଇସୁଆଁ ପଞ୍ଚାୟତର ଆଂଶିକ, ସିଲସୁଆଁ ଓ ଗୋପୀନାଥପୁର ପଞ୍ଚାୟତର ସମସ୍ତ ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବାକୁ ଏହି କେନାଲ ୧୯୭୨ ମସିହାରେ କରାଯାଇଥିଲା। ତେବେ ଜାତୀୟ ରାଜପଥ ୨୧୫ ସମ୍ପ୍ରସାରଣ କରି ୪ ଲେନ୍ କରିବା ସମୟରେ ୨୦୧୦ରେ ଗୋପୀନାଥପୁର ନିକଟରେ ୭୦୦ ମିଟର ମାଟି ପୋତିଦେବାରୁ କେନାଲ ବନ୍ଦ ହୋଇ ପାଣି ଯିବାରେ ସମସ୍ୟା ଦେଖାଦେଇଥିଲା। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର କିଛି ଅଂଶ ମରାମତି କରାଯାଇଥିବାବେଳେ ଏବେ ଅବଶିଷ୍ଟ କାମ କରାଯାଉଛି। ସାନମାଛକାନ୍ଦଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ନିର୍ମିତ ଉକ୍ତ ମୁଖ୍ୟ କେନାଲ ହେଲେ ରାଇସୁଆଁ, ସିଲସୁଆଁ, ଗୋପୀନାଥପୁର ୩ ପଞ୍ଚାୟତର ୩୮୦ ହେକ୍ଟର ଜମିକୁ ଜଳସେଚନ ହୋଇପାରିବ। ମାତ୍ର ୬୮୮୯ ମିଟର ଲମ୍ବ ମୁଖ୍ୟ କେନାଲ ମଧ୍ୟରୁ ପ୍ରାୟ ୪୪୫ ମିଟର କେନାଲ ଜବରଦଖଲରେ ରହିଛି। ଏ ନେଇ ବିଭାଗ ପକ୍ଷରୁ ମାପଚୁପ କରି ଜବରଦଖଲ ମୁକ୍ତ କରିବା ପାଇଁ ବାରମ୍ବାର ଚିଠି କରିବା ସତ୍ତ୍ୱେ ସଦର ତହସିଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୁଧାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି। ଫଳରେ କେନାଲ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ରାଇସୁଆଁ ନିକଟରେ ଖନନ କାମ ସରି ନ ଥିବା ବେଳେ କଂକ୍ରିଟ କାମ ବାକି ରହିଛି। କେନାଲ କାମରେ କେତେକ ସ୍ଥାନରେ କଂକ୍ରିଟ କେନାଲ ବଦଳରେ ଜମି ତଳେ ହ୍ୟୁମ ପାଇପ୍ ବସାଯାଇଥିବା ଜଣାପଡ଼ିଛି। ତହସିଲ ପକ୍ଷରୁ ଜମି ଯୋଗାଣରେ ବିଳମ୍ବ ହେଉଥିବାରୁ କାର୍ଯ୍ୟ ଆଗେଇ ପାରୁନି ବୋଲି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୁହାଯାଉଛି। ଏ ନେଇ ସଦର ତହସିଲଦାର ଆଶିଷ ମହାପାତ୍ର କହିଛନ୍ତି, ଉକ୍ତ ଜମି ଏନ୍ଏଚ୍ଏଆଇ ନିୟନ୍ତ୍ରଣରେ ରହିଛି। ଏଣୁ ଏନ୍ଏଚ୍ଏଆଇ ହିଁ ଏହାର ଉଚ୍ଛେଦ କରିପାରିବ। ତେବେ ଏନେଇ ଆଲୋଚନା କରାଯାଇଛି। ଖୁବ୍‌ଶୀଘ୍ର ଏନ୍ଏଚ୍ଏଆଇ ପକ୍ଷରୁ ପଦକ୍ଷେପ ନେବା ପରେ ଉଚ୍ଛେଦ କାମ ହୋଇଯିବ।

### ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

# ୧୨ରୁ ସୁନ୍ଦରପୁର ରଜ ମହୋତ୍ସବ

### ଯୋଗଦେବେ ବହୁ କଣ୍ଠଶିଳ୍ପୀ, ସିନେ ତାରକା

ଖଇରା, ୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚଳିତବର୍ଷ ବ୍ଲକସ୍ତରୀୟ ରଜ ମହୋତ୍ସବ ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରଥମ ଦିବସରେ ମେଗା ରକ୍ତଦାନ ଶିବିର, ଦ୍ୱିତୀୟ ଦିବସରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ଓ ଅପରାହ୍ନରେ ରଜରାଣୀ ପ୍ରତିଯୋଗିତାର ପ୍ରି ଅଡିସନ ରାଉଣ୍ଡ, ତୃତୀୟ ଦିବସରେ ଅଡିସନ ରାଉଣ୍ଡ, ଚତୁର୍ଥ ଦିବସରେ ଗାଲା ରାଉଣ୍ଡ ଓ ପଞ୍ଚମ ଦିବସରେ ଚୁଡାନ୍ତ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜୁନିୟର, ସବଜୁନିୟର ଓ ସିନିୟର ପର୍ଯ୍ୟାୟରେ ବିଜୟୀ ପ୍ରତିଯୋଗୀଙ୍କୁ ରଜରାଣୀ ମୁକୁଟ ପ୍ରଦାନ କରାଯିବ । ୧୩ରୁ ୧୬ତାରିଖ ସନ୍ଧ୍ୟାରେ ସଭା ଏବଂ ଓଡିଶାର ନାମୀଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଦର୍ଶକ ମାନେ ମିନାବଜାର, ରାମଦୋଳିର ମଜା ନେବେ । ଏହି ଅବସରରେ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ବୁଧବାର ଖଇରା ଜେଭିସିସି କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ତଥା ପ୍ରେସମିଟ ଆୟୋଜିତ ହୋଇଯାଇଛି । କମିଟି ସଭାପତି ସୁରେନ୍ଦ୍ର ନାଥ ରାଉତ ପୌରୋହିତ୍ୟ କରିଥିଲେ। ସମ୍ପାଦକ ବସନ୍ତ କୁମାର ପାଢୀ, ଉପସଭାପତି ପ୍ରଭାତ ନାୟକ, ବରିଷ୍ଠ ଉପଦେଷ୍ଟା ନରହରି ନାୟକ ଓ ହରେକୃଷ୍ଣ ରାଉତ, କୋଷାଧକ୍ଷ ବିମଳେନ୍ଦୁ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ।

# 'ପୁରାତନ ଶିକ୍ଷାନୁଷ୍ଠାନ ସମାଜ ପାଇଁ ମେରୁଦଣ୍ଡ'


ସମାରୋହରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ଭଣ୍ଡାରିପୋଖରୀ,୩।୬(ସ୍ୱ.ପ୍ର.)

### ସରସଦା ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ସରସଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟା କାର୍ଯ୍ୟକ୍ରମକୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ବ୍ରିଟିଶ ଅମଳର ଏହି ପରାତନ ଶିକ୍ଷାନୁଷ୍ଠାନ ସମାଜ ପାଇଁ ମେରୁଦଣ୍ଡ ସଦୃଶ ବୋଲି କହିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ବର୍ଷୀୟାନ ସାହିତ୍ୟିକ ସୁଧାକର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟକାଳୀନ ସଭାକୁ ମୁଖ୍ୟଅତିଥି ଭାବେ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ କାର୍ତ୍ତିକ ସ୍ୱାଇଁଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ନିମନ୍ତ୍ରିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଉପାଧକ୍ଷ ପ୍ରଣୀତକାନ୍ତି ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ଗୋଲକ ଚନ୍ଦ୍ର ମହାନ୍ତି, ଏମ୍‌ପି ପ୍ରତିନିଧି ଲଳିତ କୁମାର ରାଉତ, ସରପଞ୍ଚ ଅମୂଲ୍ୟ ନାୟକ, ସମିତିସଭ୍ୟା କମଳା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ସରସଦା ଜ୍ୟୋତି ଓ ଗୁଣନ୍ତ ପୁଅ ପୁସ୍ତକ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଭରତ ଚନ୍ଦ୍ର କରଣ ମଞ୍ଚ ଆହ୍ୱାନ ଓ ଶିକ୍ଷାବିତ୍ ନଟବର ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ପ୍ରଜ୍ଞା ସ୍ୱାଇଁ। ଶିକ୍ଷକ ଜୟପ୍ରକାଶ ସ୍ୱାଇଁ, ନୃସିଂହ ସ୍ୱାଇଁ, ଅଶୋକ ନାୟକ, ଅଶୋକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବଜ୍ରପାତ ନେଲା ଜୀବନ

ଗୋପବନ୍ଧୁ ନଗର, ୩।୬ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ କୁଶଳଦା ପଞ୍ଚାୟତ ପଥୁରୀକଟା ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପ୍ରଭାତ ରଞ୍ଜନ ବେହେରା(୫୦)। ସେ ବିଲକୁ ଛେଳି ଆଣିବାକୁ ଯାଇଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଉଦଳା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସେହିପରି ଏହି ବ୍ଲକର ପୁରୁଣା ବାରିପଦାସ୍ଥିତ ନୂଆସାହି ଗ୍ରାମରେ ବଜ୍ରପାତରେ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ସରପଞ୍ଚ ଭୋଳାନାଥ ସିଂଙ୍କ ଗାଈ ଚାଷଜମିରେ ଚରୁଥିବା ବେଳେ ବଜ୍ରପାତ ଯୋଗୁ ସେଠାରେ ମୃତ୍ୟୁ ହୋଇଥିଲା।

# ମୃତକଙ୍କୁ ଶ୍ରଦ୍ଧାଞ୍ଜଳି, ଗୁରୁତରଙ୍କ ପାଇଁ ଦୀପଦାନ


ଜଗତେଶ୍ୱର ମନ୍ଦିରରେ ଆନନ୍ଦପୁର ପ୍ରଗତି ମଞ୍ଚ ସଦସ୍ୟମାନେ ପ୍ରାର୍ଥନା କରୁଛନ୍ତି।

ଧାମନଗର, ୩।୬ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଗୁରୁତର ବ୍ୟକ୍ତିମାନଙ୍କ ଆଶୁ ଆରୋଗ୍ୟ କାମନା କରିଛି ଧାମନଗର ବ୍ଲକର ଆନନ୍ଦପୁର ପ୍ରଗତି ମଞ୍ଚ। ଆନନ୍ଦପୁର ବାଲିପାଟଣାସ୍ଥିତ ଜଗତେଶ୍ୱର ଶିବମନ୍ଦିରଠାରେ ମଞ୍ଚ ପକ୍ଷରୁ ମୃତକଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଗୁରୁତର ଆହତଙ୍କ ଶୁଭ ମନାସି ସମୂହ ଦୀପଦାନ କରାଯାଇଛି। ରମେଶ ଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ବୃନ୍ଦାବନ ମହାନ୍ତି, ପ୍ରମୋଦ ଆନ୍ଦିଆ, ଭୀମସେନ ସାହୁ, କୁଳମଣି ଶତପଥୀ, ଉମାକାନ୍ତ ସାହୁ, ପୀତାମ୍ବର ପେଡ଼ା, ଧରଣୀ ଜେନା, ଅମୂଲ୍ୟ ମହାନ୍ତି, ଗଜେନ୍ଦ୍ର ମାଝୀ, ନରେନ୍ଦ୍ର ଦାଶ, ଦେବେନ୍ଦ୍ର ଆନ୍ଦିଆ, ପ୍ରମୋଦ ବେହେରା, ଅମିତ ସାହୁ, ଅଶୋକ ଜେନା, ମହେଶ୍ୱର ସାହୁ, କୁମାରେଶ ଆନ୍ଦିଆ, ବିରେନ୍ଦ୍ର ଦାସ, ରାମଚନ୍ଦ୍ର ସାହୁ, ସରୋଜ ସାହୁ, ଲକ୍ଷ୍ମୀଧର ଜେନା, ଭଗବାନ ଖୁଣ୍ଟିଆ, ଜଗନ୍ନାଥ ପୃଷ୍ଟି, ପଦ୍ମଲୋଚନ ଦାସ, ଜୟନ୍ତ ରଣା ପ୍ରମୁଖ ସାମିଲ ଥିଲେ।

# ଜେନେରେଟର ଅଚଳ, ଗରମରେ ହନ୍ତସନ୍ତ ଉପଡାକଘର କର୍ମଚାରୀ

ତିହିଡ଼ି, ୩।୬ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବଜାର ମଙ୍ଗରାଜପୁର ଛକସ୍ଥିତ ଏକ ଭଡ଼ାଘରର ଉପର ତାଲାରେ ଚାଲୁଛି ତିହିଡ଼ି ଉପଡାକଘର। ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଚାଲିଥିବା ବେଳେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ହେଉଛି। ଡାକଘରେ ଥିବା ଜେନେରେଟର ୬ମାସ ହେଲା ଅଚଳ ହୋଇପଡ଼ିଥିବା ବେଳେ ମରାମତି ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରବଳ ଗରମରେ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଡାକଘର ଭିତରେ ବସି କାର୍ଯ୍ୟ କରିବା କର୍ମଚାରୀଙ୍କ ପକ୍ଷେ କଷ୍ଟସାଧ ହୋଇଛି। ମାର୍କେଟ କମ୍ପ୍ଲେକ୍ସର ଉପର ତାଲାରେ ଡାକଘର ଥିବାରୁ ଅସହ୍ୟ ଗରମ ହେଉଛି। ପ୍ରତିଦିନ ଡାକଘରକୁ ଟଙ୍କା ଜମା ଉଠାଣ ସହ ଅନ୍ୟ କାମ ପାଇଁ ଆସୁଥିବା ବୟସ୍କ ଲୋକେ ଗ୍ରୀଷ୍ମପ୍ରବାହରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଡାକଘରେ ଥିବା ବ୍ୟାଟେରିରେ ଅଧିକ ସମୟ କାର୍ଯ୍ୟ କରିବା ସମ୍ଭବ ହୋଇପାରୁ ନାହିଁ। ଅପରପକ୍ଷେ ଡାକଘରେ ଆଧାର ସଂଶୋଧନରେ ନିୟୋଜିତ ମହିଳା କର୍ମଚାରୀଙ୍କୁ ମଙ୍ଗଳପୁର ଶାଖା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବାରୁ ଦେଢ଼ମାସ ହେଲା ଲୋକେ ନିରାଶ ହୋଇ ଫେରୁଛନ୍ତି।

# କାରଣସାହି ଟୋଲ୍‌ଗେଟ୍‌ରେ ଖଣି ବିଭାଗର ଯାଞ୍ଚ

ଯୋଡ଼ା,୩।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଚୋରା ଖଣିଜ କାରବାର ରୋକିବାକୁ ଖଣି ବିଭାଗ ଅଣ୍ଟା ଭିଡ଼ିଛି। ଶହ ଶହ ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଥିବା ଜାତୀୟ ରାଜପଥ ୫୨୦ର କାରଣସାହି ଟୋଲ ଗେଟ୍‌ଠାରେ ଟ୍ରକ୍‌ର ନଥିପତ୍ର ଯାଞ୍ଚ କରାଯାଉଛି।

ରାଜପଥ ଦେଇ ମୁର୍ଗା, କାଟାମାଟି, ଠାକୁରାଣୀ ସମେତ ଯୋଡ଼ା ଖଣି ମଣ୍ଡଳର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଖଣିର ଖଣିଜ ପରିବହନ ହେଉଛି। ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳର ଅନେକ ଖଣିରୁ ଏହି ରାଜପଥ ଦେଇ ଖଣିଜ ପରିବହନ ହେଉଛି। ଶହରୁ ଊର୍ଦ୍ଧ୍ୱ ଟ୍ରକ୍ ଚଳାଚଳ କରୁଥିବାରୁ ଚୋରା ବେପାରୀମାନେ ଅନାୟସରେ ଚୋରା ଖଣିଜ ପରିବହନ କରୁଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯୋଡ଼ା ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ଖଣି ଅଧିକାରୀ ବ୍ରହ୍ମାନନ୍ଦ ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ କାରଣସାହି ଟୋଲ ଗେଟରେ ପ୍ରତି ଟ୍ରକ୍‌କୁ ଯାଞ୍ଚ କରୁଛନ୍ତି। ପ୍ରତି ଟ୍ରକ୍‌ରୁ ଟ୍ରାଞ୍ଜିଟ ପାସ୍ ଓ ପରିବହନ ଅନୁମୋଦନ, ବାରକୋଡ୍ ପ୍ରଭୃତିର ଯାଞ୍ଚ କରୁଛନ୍ତି। ଅନ୍ୟପକ୍ଷେ ଜୁରୁଡ଼ି, ବାମେବାରୀ, ନୟାଗଡ଼ ପ୍ରଭୃତି ଅଞ୍ଚଳ ଦେଇ ବହୁ ଖଣିଜ ବୋଝେଇ ଟ୍ରକ୍ ପଳାସପଙ୍ଗା ଓ କେନ୍ଦୁଝର ଆଡ଼କୁ ଯାତାୟାତ କରୁଛି। ଉକ୍ତ ରାସ୍ତାରେ ବିଭାଗୀୟ ଯାଞ୍ଚ ହେଉ ନ ଥିବାରୁ ଏହି ରାସ୍ତା ଦେଇ ଚୋରା ଖଣିଜ ପରିବହନ ହେବାର ସମ୍ଭାବନା ଅଧିକ ରହିଥିବା ଜନୈକ ଘରୋଇ ଖଣି ଅଧିକାରୀ କହିଛନ୍ତି।

ଯୋଡ଼ା ଖଣି ମଣ୍ଡଳର କାରଣସାହି ଟୋଲ ଗେଟ୍‌ଠାରେ ହେଉଥିବା ଯାଞ୍ଚ ପ୍ରକ୍ରିୟା ପରି ସିଲିସୁଆଁ ନିକଟରେ ଥିବା ଟୋଲ ଗେଟରେ କେନ୍ଦୁଝର ଖଣି ବିଭାଗ ପକ୍ଷରୁ ଅନୁରୂପ ଯାଞ୍ଚ କରିବାକୁ ଦାବି ହୋଇଛି। ଡିଷ୍ଟ୍ରିକ୍ଟ ଲେଭୁଲ ଟାସ୍କ ଫୋର୍ସ ଏ ଦିଗରେ ଦୃଷ୍ଟି ଦେଲେ ଚୋରା କାରବାର ରୋକାଯାଇପାରିବ ବୋଲି ଖଣି ବିଶେଷଜ୍ଞ ମତ ଦେଇଛନ୍ତି। ଶୁକ୍ରବାର ଟୋଲ ଗେଟ ନିକଟରେ ହେଉଥିବା ଯାଞ୍ଚ ସମୟରେ ବ୍ୟାପକ ଟ୍ରାଫିକ ଜାମ ହୋଇଥିବା ଦେଖିବାକୁ ମିଳିଥିଲା।

# ବ୍ଲକସ୍ତରୀୟ ମୋ ଘର ପ୍ରଶିକ୍ଷଣ

ବିଶୋଇ,୩।୬ (ଡି. ଏନ. ଏ)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକସ୍ତରୀୟ ମୋ ଘର ପ୍ରଶିକ୍ଷଣ ବୈଠକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଭାଗବତ ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧକ୍ଷା ତୁଳସୀ ସିକ୍ରି ହାଁସଦା, ଉପାଧକ୍ଷ ଚନ୍ଦ୍ରମୋହନ ଗିରି, ଏବିଡିଓ ହେମନ୍ତ କୁମାର ଗୁରୁ, ଜିଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଶିତଲ କିସ୍କୁଙ୍କ ସମେତ ୧୩ପଞ୍ଚାୟତର ସରପଞ୍ଚ, ସମିତିସଦସ୍ୟ, ଜିଆର୍‌ଏସ୍, ବ୍ୟାଙ୍କ ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ।

ବିଡିଓ ମହାପାତ୍ର ମୋ ଘର ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିବା ପରେ ଏଥିରେ ଅନ୍ତର୍ଭୁକ୍ତ ହେବା ପାଇଁ କ'ଣ ଯୋଗ୍ୟତା ମାନଦଣ୍ଡ ରହିଛି ସେ ବିଷୟରେ ବିସ୍ତୃତ ଆଲୋଚନା କରଯାଇଥିଲା।

ଆସନ୍ତା ୧୬ ତାରିଖରୁ ମୋ ଘର ଯୋଜନାରେ ଯୋଗ୍ୟ ହିତାଧିକାରୀମାନେ ମୋ ଘର ମୋବାଇଲ ଆପ୍, ପୋର୍ଟାଲ ନଚେତ୍ ମୋ ସେବାକେନ୍ଦ୍ରରେ ସିଧାସଳଖ ନାମ ପଞ୍ଜୀକରଣ କରିପାରିବେ ବୋଲି କୁହାଯାଇଥିଲା। ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ଗୃହ ନିର୍ମାଣ, ସମ୍ପ୍ରସାରଣ, ଉନ୍ନତୀକରଣ, ସମ୍ପୂର୍ଣ୍ଣକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଏକ ଲକ୍ଷ, ଦେଢ଼ ଲକ୍ଷ, ଦୁଇଲକ୍ଷ ଏବଂ ତିନିଲକ୍ଷ ଟଙ୍କାର ଋଣ ପ୍ରଦାନ ସହ ଋଣ ପରିମାଣ ଅନୁଯାୟୀ ସବ୍‌ସିଡି ଯୋଗାଇବାର ବ୍ୟବସ୍ଥା ରହିଛି। ଏହି ଋଣକୁ ୧ ବର୍ଷର ରିହାତି ସମୟକୁ ବାଦ୍ ଦେଇ ପରବର୍ତ୍ତୀ ୧୦ ବର୍ଷ ମଧରେ ପରିଶୋଧ କରିବାକୁ ପଡ଼ିବ। ତେବେ ଏହି ଯୋଜନାର ସମସ୍ତ ପ୍ରକାର ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ଥାନୀୟ ଜିଆର୍‌ଏସ୍ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ବିଡିଓ କହିଥିଲେ। ଏଥିସହ ବ୍ୟାଙ୍କ ଓ ରାଜସ୍ୱ ବିଭାଗ ଅଧିକାରୀମାନେ କିପରି ଭାବେ ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିପାରିବେ ସେନେଇ ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଥିଲା। ଗ୍ରାମୀଣ ଗୃହ ବିଭାଗର ବିପିସି ଜଗନ୍ନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଏବିଡିଓ ହେମନ୍ତ କୁମାର ଗୁରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



## ମହମବତି ଶୋଭାଯାତ୍ରା, ଶ୍ରଦ୍ଧାଞ୍ଜଳି

ବଡ଼ସାହି, ୩।୬ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୟୂରଭଞ୍ଜ ଜିଲା ବଡ଼ସାହିଠାରେ ଶନିବାର ସନ୍ଧ୍ୟାରେ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହମବତୀ ଶୋଭାଯାତ୍ରା କରାଯାଇଛି। ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ହ୍ୟୁମାନ ରାଇଟ୍ସ ମିଶନ, ସ୍ଥାନୀୟ ସାମାଜିକ କର୍ମୀ, ଖବରଦାତା ଓ ବ୍ୟବସାୟୀମାନେ ମହମବତୀ ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା କରିଥିଲେ। ଏଥିସହ ଆହତ ଯାତ୍ରୀମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସମସ୍ତ ସଙ୍ଗଠନର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସାଙ୍ଗଠନିକ ପଦାଧିକାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଂଯୋଜକ ସଚୀନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

# ଆବାସରୁ ବଞ୍ଚିତ ଦିବ୍ୟାଙ୍ଗ ଜମ୍ବୁ

### ତିନିଚକିଆ ସାଇକେଲ ବି ମିଳିନି

ଚମ୍ପୁଆ,୩।୬(ଡି.ଏନ୍.ଏ.)

ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ସାମାଜିକ ସୁରକ୍ଷାରେ ସାମିଲ କରିବା ପାଇଁ ବିଭିନ୍ନ ଯୋଜନାମାନ କରିଛନ୍ତି। ଅଗ୍ରାଧିକାର ଭିତ୍ତିରେ ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଏହାର ଓଲଟା ପ୍ରତିବିମ୍ବ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ୍‌ର ଜାମୁଦଲକ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଜମ୍ବୁ ନାଏକଙ୍କ କ୍ଷେତ୍ରରେ।

ସୂଚନା ଅନୁଯାୟୀ, ମଙ୍ଗଳପୁର ଗ୍ରାମର ପଦ୍ମଚରଣ ନାଏକଙ୍କ ପତ୍ନୀ ଜମ୍ବୁ ନାଏକ ୨୦୧୩ରେ ଉଭୟ ଗୋଡ଼ରେ କଷ୍ଟ ଅନୁଭବ କରିଥିଲେ। ଆର୍ଥିକ ଅନଗ୍ରସର ହୋଇଥିବାରୁ ଚିକିତ୍ସା କରାଇପାରି ନ ଥିଲେ। ଫଳରେ ଦୁଇ ଗୋଡ଼ ଓ ଦୁଇ ହାତ ବଙ୍କା ହୋଇଯିବାରୁ ସେ ଦିବ୍ୟାଙ୍ଗ ପାଲଟି ଯାଇଥିଲେ। ଏପରିକି ପରିବାର ଦାୟିତ୍ୱ ତୁଲାଉଥିବା ଜମ୍ବୁ ନିଜ ନିତ୍ୟକର୍ମ ମଧ କରିବା ପାଇଁ ଅସମର୍ଥ ହୋଇଗଲେ। ଏଭଳି କ୍ଷେତ୍ରରେ ସେ ଭଙ୍ଗା ଦଦରା ଘରେ ରହୁଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନ ପାଇଁ ପଞ୍ଚାୟତରେ ୩ ଥର ଆବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ତାଲିକାରେ ତାଙ୍କ ନାମ ରହୁ ନ ଥିବା ପରିତାପର ବିଷୟ ପାଲଟିଛି। ଏଥିସହ ଏକ ତିନିଚକିଆ ସାଇକେଲ ପାଇଁ ପ୍ରଶାସନକୁ ନିବେଦନ କରିଥିବା ବେଳେ ତାହା ମଧ ମିଳିନାହିଁ। ଏ ନେଇ ଜାମୁଦଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୀନା ପ୍ରଧାନ କହିଛନ୍ତି, ସେ ଅଳ୍ପ ଦିନ ହେବ ପଞ୍ଚାୟତରେ ଯୋଗ ଦେଇଛନ୍ତି। ବର୍ଷେ ପୂର୍ବରୁ ଏହାର ଲିଷ୍ଟ ପ୍ରଦାନ କରାଯାଇଥିଲା। ସେ ଏ ବିଷୟରେ ଚମ୍ପୁଆ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବେ।


ଜମ୍ବୁ ନାଏକ



ବାଲେଶ୍ୱର ଜିଲା ବାହାନଗାଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ପରର ଦୃଶ୍ୟ।

## ଦୁର୍ଘଟଣା ସମ୍ପର୍କରେ ଏମାନଙ୍କ ମୁହଁରୁ..

### ଦୁର୍ଘଟଣା ବେଳେ ଟ୍ରେନ ଦୋହଲିଗଲା



କରମଣ୍ଡଳ ଏକ୍ସପ୍ରେସ୍‌ରେ ହାୱଡ଼ାରୁ ଚେନ୍ନାଇ ଯାଉଥିଲୁ। ସାଙ୍ଗରେ ୩ ଭାଇ ଥିଲେ। ଦୁର୍ଘଟଣା ସମୟରେ ଟ୍ରେନ୍‌ରେ ଦୋହଲିଯିବାର ଜଣାପଡ଼ିଥିଲା। ଆମେ ସବୁ ପଡ଼ିଯାଇଥିଲୁ। ତା' ପରେ କିଛି ଜଣାନାହିଁ। ଲୋକମାନେ ଆମକୁ ଉଦ୍ଧାର କରିଥିଲେ। ଆମେ ପରସ୍ପରକୁ ଖୋଜାଖୋଜି କରି ପାଇଥିଲୁ। ୨ ରୁ ୩ ଘଣ୍ଟା ପରେ ଆମ୍ବୁଲାନ୍ସରେ ଆଣି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

-ଆହତ ସ୍ୱସ୍ତିକ କୁମାର

### ଚିକିତ୍ସା ଠିକ୍‌ଠାକ୍ ଚାଲିଛି



ବାଲେଶ୍ୱର ସହର ଭୀମପୁରା ଅଞ୍ଚଳରେ ଘର। ବାଲେଶ୍ୱର ରେଳଷ୍ଟେଶନରେ କରମଣ୍ଡଳ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ଯାଉଥିଲି। ବାହାନଗା ନିକଟରେ ହଠାତ୍ ପଛପଟୁ ମାଡ଼ ହେବା ଭଳି ଲାଗିଲା। ପରେ ଟ୍ରେନ୍‌ଟି ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ମୁଣ୍ଡ ଫାଟିଥିବାବେଳେ ଗୋଡ଼ ଓ ହାତ ଖଣ୍ଡିଆ ହୋଇଛି। ସେଠାରୁ ଉଦ୍ଧାର ହୋଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସା ଠିକ୍‌ଠାକ୍ ଚାଲିଛି।

-ଆହତ ସୁଭାଶିଷ ପାତ୍ର

### ପାଣି ଦିଅ, ଆମକୁ ବଞ୍ଚାଅ



ବାହାନଗା, ୩।୬(ଡି.ଏନ.ଏ.)-ଶୁକ୍ରବାର ସନ୍ଧ୍ୟା ସମୟରେ ଆମେ ଘର ଭିତରେ ଥିଲୁ। ଏହି ସମୟରେ ଗ୍ରାନାଇଟି ଫାଟିବା ଭଳି ଏକ ଶବ୍ଦ ଶୁଣାଗଲା। ତାହା ଶୁଣି ବାହାରକୁ ବାହାରବା ପରେ ଆମକୁ କେବଳ ଧୁଆଁଧୂସର ହେବା ସହିତ ଅନ୍ୟ କିଛି ଦେଖା ଗଲାନାହିଁ। ତେବେ କିଛି ସମୟ ପରେ ଚିତ୍କାର ଶୁଣାଗଲା ପାଣି ଦିଅ ଆମକୁ ବଞ୍ଚାଅ । ତାହା ଶୁଣି କଷ୍ଟେମଷ୍ଟେ ରାସ୍ତା ପାଖକୁ ଯିବା ବେଳକୁ ଟ୍ରେନର ଏକ ବଗି ବିଚ ରାସ୍ତାର ତଳକୁ ଛିଟିକି ପଡିଛି। ସେଠୁ ଆମେ ଜାଣିଲୁ ଟ୍ରେନ୍ ଦୁର୍ଘଟଣା ହୋଇଛି । ସଙ୍ଗେ ସଙ୍ଗେ ଲୋକଙ୍କୁ ଡାକି ଉଦ୍ଧାର କରିବା ସହିତ ଦମକଳ ବାହାନୀ ଓ ପୋଲିସକୁ ଖବର ଦେଇଥିଲୁ।

-ନବୀନ ସୁରେନ୍, ସ୍ଥାନୀୟ ବାସିନ୍ଦା

### ଉଦ୍ଧାର କରିବା ସହଜ ହେଉନି



ଏନଡିଆରଏଫ୍ ବିଭିନ୍ନ ଟିମ୍ ପହଞ୍ଚି ଦୁର୍ଘଟଣା ଟ୍ରେନ୍ ଭିତରେ ଥିବା ମୃତଦେହଗୁଡିକ ବାହାର କରିବା ସହିତ ଚାପି ହୋଇ ରହିଥିବା ଲୋକଙ୍କ ନିକଟକୁ ପାଇପ୍ ଯୋଗେ ଅକ୍ସିଜେନ୍ ଭିତରକୁ ପଠାଉଛୁ । ତେବେ ମୃତଦେହ କିମ୍ବା ଫସିରହିଥିବା ଲୋକଙ୍କୁ ଟ୍ରେନ୍ ଭିତରୁ ଉଦ୍ଧାର କରିବା ସହଜ ହେଉନି।

-ଏନଡିଆରଏଫ୍ ଟିମ୍ ମୁଖ୍ୟ

# ଆଖିବୁଜିଲେ ୨ ଟାଟା ପାୱାର ଅଧିକାରୀ

**ଖଇରା, ୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତକଙ୍କ ତାଲିକା ବଢି ଚାଲିଥିବା ବେଳେ ଖଇରା ଅଞ୍ଚଳରୁ ୨ଜଣଙ୍କ ଜୀବନ ଯାଇଛି। ୨ଜଣ ବାଲେଶ୍ୱର ଟାଟା ପାୱାରରେ କାର୍ଯ୍ୟ କରୁଥିଲେ। ଜଣେ ସାଧାରଣ ପରିଚାଳକ ନାରାୟଣ ଦାଶ(୫୯) । ତାଙ୍କ ଘର ଖଇରା ବ୍ଲକର ସାରୁଗାଁ ଗ୍ରାମରେ । ଅନ୍ୟ ଜଣେ ହେଲେ ଜୁନିୟର ଆକାଉଣ୍ଟାଣ୍ଟ ବିକ୍ଷିପ୍ତ ପଲେଇ(୩୯) ତାଙ୍କ ଘର ଝିଙ୍କିରିଆ ପଞ୍ଚାୟତ ସିଂହପୁର ଗ୍ରାମରେ । ଉଭୟଙ୍କ ମୃତଦେହ ସେମାନଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଉଭୟ ଭଦ୍ରକରେ ଭଡାନେଇ ରହୁଥିବା ବେଳେ ବାଲେଶ୍ୱରକୁ ଟ୍ରେନରେ ଯିବାଆସିବା କରନ୍ତି । ଅନ୍ୟ ଦିନ ଭଳି ଶୁକ୍ରବାର କରମଣ୍ଡଳରେ ଘରକୁ ଫେରୁଥିବା ବେଳେ ଏହା ଥିଲା ତାଙ୍କର ଶେଷଯାତ୍ରା। କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।




ନାରାୟଣ ଦାଶ। ବିକ୍ଷିପ୍ତ ପଲେଇ।

# ଟ୍ରେନ୍ ଦୁର୍ଘଟଣା: ଭଦ୍ରକର ୭ ମୃତ

**ଭଦ୍ରକ ଅଫିସ/ପଦ୍ମପୁର, ୩।୬ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗାଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଭଦ୍ରକ ଜିଲାର ୭ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ନିକଟସ୍ଥ ଶଙ୍ଖୁଳା ଗ୍ରାମର ରୂପକ ନାୟକ(୩୫), ବାସୁଦେବପୁର ବ୍ଲକର ସାବରଙ୍ଗ ପଞ୍ଚାୟତ ବଳସାହିର ରାଜେଶ ବଳ(୩୦), ସୁଗୋ ପଞ୍ଚାୟତ ସାହୁ ସାହିର ଗୋବିନ୍ଦ ସାହୁ(୨୧), ତିହିଡ଼ି ବ୍ଲକ କୁବେରା ଗ୍ରାମର ହରିହର ସାହୁ(୫୪), ଭଦ୍ରକ ବ୍ଲକ ଚାରିଘରିଆ ଗ୍ରାମର ନାରାୟଣ ଦାସ(୫୫), ଗ୍ରାମାଞ୍ଚଳ ଥାନା ଅଧୀନ ବରାଳପୋଖରୀ ଗ୍ରାମର ଅମିୟ କୁମାର ବନ୍ଧ (୬୪) ଓ ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଅର୍ଜୁନପୁର ବାଲିପାଟଣା ଗ୍ରାମର ଆଲୋକ ନାୟକ(୨୭)।

ଗୋବିନ୍ଦ କୋଲକାତାରୁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଘରକୁ ଫେରୁଥିଲେ। ସେ କୋଲକାତାରେ ପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଟ୍ରେନ୍ ଦୁର୍ଘଟଣା ଖବରପାଇ ପରିବାର ଲୋକେ ତାଙ୍କ ମୋବାଇଲ ଫୋନକୁ କଲ୍ କରିଥିବା ବେଳେ ଅନ୍ୟ ଜଣେ ଉଠାଇ ତାଙ୍କର ମୃତ୍ୟୁ ନେଇ ସୂଚନା ଦେଇଥିଲେ। ପରିବାର ଲୋକେ ଶନିବାର ଗୋବିନ୍ଦଙ୍କ ମୃତଦେହ ଗ୍ରାମକୁ ଆଣି ଅନ୍ତିମ ସଂସ୍କାର କରିଛନ୍ତି। ଗୋବିନ୍ଦ ଗତବର୍ଷ ବିବାହ କରିଥିବା ବେଳେ ତାଙ୍କର ଏକ ଶିଶୁକନ୍ୟା ଅଛନ୍ତି।

ରାଜେଶ ବାଲେଶ୍ୱରରୁ ଏକ ବୀମା କମ୍ପାନୀର ମିଟିଂ ସାରି ସେହି ଟ୍ରେନ୍‌ରେ ଫେରୁଥିବା ବେଳେ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ଉଦୀୟମାନ କ୍ରିକେଟ ଖେଳାଳି ସହ ସାମାଜିକ କର୍ମୀ ଥିଲେ। ହରିହର ବାଲେଶ୍ୱର ବିର୍ଲା ଟାୟାରରେ ଚାକିରି କରୁଥିଲେ। ସେ ଭଦ୍ରକରୁ ଯଶୋବନ୍ତପୁର ହାଓଡା ଟ୍ରେନ୍‌ରେ ବାଲେଶ୍ୱର ଯାଉଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରୂପକ ବାଲେଶ୍ୱରର ଏକ ଘରୋଇ କଲେଜରେ ଚାକିରି କରିଥିଲେ। ସେ ପ୍ରତ୍ୟେକ ଦିନ କରମଣ୍ଡଳ ଏକ୍ସପ୍ରେସ୍‌ରେ ଯିବାଆସିବା କରୁଥିଲେ। ଦୁର୍ଭାଗ୍ୟବଶତଃ ଶୁକ୍ରବାର ତାଙ୍କର ଶେଷ ଯାତ୍ରା ଥିଲା।

# ୧୩ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ

**ଯୋଡ଼ା/କେନ୍ଦୁଝର,୩।୬(ଡି.ଏନ.ଏ.)**

ବାଲେଶ୍ୱର ବାହାନଗାଠାରେ ହୋଇଥିବା ରେଳ ଦୁର୍ଘଟଣାରେ ରେଳ ଲାଇନ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଥିବାରୁ ପ୍ରାୟ ୧୩ ଯାତ୍ରୀବାହୀ ରେଳ ଗାଡ଼ିର ଗତିପଥ ପରିବର୍ତ୍ତନ କରାଯାଇଛି। ଉକ୍ତ ଟ୍ରେନ୍ କେନ୍ଦୁଝର ଗଡ଼ ଓ ଯୋଡ଼ା ସହରରେ ଥିବା ବାଂଶପାଣି ରେଳ ଷ୍ଟେସନ ଦେଇ ଚଳାଚଳ କରିବ। ବିହାର, ବେଙ୍ଗଲ, ୟୁପି ପ୍ରମୁଖ ରାଜ୍ୟକୁ ୬ଟି ଟ୍ରେନ୍ ଏବଂ ଡାଉନ ଭାବେ ୭ଟି ଟ୍ରେନ ଯାତାୟାତ କରୁଥିବା ବାଂଶପାଣି ଷ୍ଟେଶନ ମ୍ୟାନେଜର ଡି.ସି.ମିଶ୍ର ସୂଚନା ଦେଇଛନ୍ତି। ଟ୍ରେନ୍ କେନ୍ଦୁଝର, ଜରୋଲି, ବାଂଶପାଣି, ଚାଇଁବସା, ଟାଟା ନଗର, ହାୱଡ଼ା ଦେଇ ରେଳ ଗାଡ଼ି ଯାତାୟାତ କରୁଛି। ତେବେ ଯାତ୍ରୀମାନଙ୍କର ସୁବିଧା ପାଇଁ ଝାଡ଼ଖଣ୍ଡ ରାଜ୍ୟ ଚାଇଁବସା ଷ୍ଟେସନଠାରେ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବାଂଶପାଣି ରେଳ ବିଭାଗର ଅଧିକାରୀ ସୁଧୀର କୁମାର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ସବୁ ଦୂରଗାମୀ ରେଳଗାଡ଼ି ଉକ୍ତ ରୁଟ୍‌ରେ ଯାଉଥିଲେ ହେଁ ଏହାର କୌଣସି ଷ୍ଟେଶନରେ ରହିବ ନାହିଁ। କେବଳ ଚାଇଁବସା ଷ୍ଟେସନରେ କିଛି କ୍ଷଣ ରହୁଛି। ବାଲେଶ୍ୱର-ଖଡ଼ଗପୁର-ହାୱଡ଼ା ରେଳ ଲାଇନ୍‌ର ମରାମତି ଏବଂ କ୍ଷତିଗ୍ରସ୍ତ କୋଚ ଗୁଡ଼ିକର ସ୍ଥାନାନ୍ତର ନ ହେବା ପର୍ଯ୍ୟନ୍ତ ପାଟନା ସ୍ୱତନ୍ତ୍ର ଏକ୍ସପ୍ରେସ, ହାୱଡ଼ା ମେଲ, ପୁରୁଷୋତ୍ତମ ଏକ୍ସପ୍ରେସ, ତିନିଶୁଖିଆ ଏକ୍ସପ୍ରେସ, ଇଷ୍ଟକୋଷ୍ଟ ଏକ୍ସପ୍ରେସ, ସଲିମାର ସାପ୍ତାହିକ ଟ୍ରେନ୍ ଏବଂ କରମଣ୍ଡଳ ଏକ୍ସପ୍ରେସ ଏହି ରୁଟ୍‌ରେ ଡାଉନ ଭାବେ ଯାଉଥିବା ବେଳେ ଅପ ଲାଇନରେ ପୁରୁଷୋତ୍ତମ ଏକ୍ସପ୍ରେସ, ଉତ୍କଳ ଏକ୍ସପ୍ରେସ, ଶ୍ରୀଜଗନ୍ନାଥ ଏକ୍ସପ୍ରେସ, ମଇସୁର ସାପ୍ତାହିକ ଏକ୍ସପ୍ରେସ, ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ, ନୀଳାଚଳ ଏକ୍ସପ୍ରେସ ଚଳାଚଳ କରିବ ବୋଲି ଷ୍ଟେସନ ମ୍ୟାନେଜର ସୂଚନା ଦେଇଛନ୍ତି। ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ସହିତ ସିଗ୍ନାଲ ଏବଂ ରେଳ ଧାରଣାକୁ କଡ଼ା ନଜରରେ ରଖାଯାଇଛି ବୋଲି ସୂଚନା ଦେଇଛନ୍ତି।

# ଚମ୍ପୁଆ ଏନ୍‌ଏସି ପକ୍ଷରୁ କ୍ୟାଣ୍ଡେଲ ଯାତ୍ରା

**ଚମ୍ପୁଆ,୩।୬(ଡି.ଏନ୍.ଏ)**

ବାଲେଶ୍ୱର ବାହାନଗା ଠାରେ ଶୁକ୍ରବାର ଘଟିଯାଇଥିବା ଭୟଙ୍କର ରେଳ ଦୁର୍ଘଟଣାରେ ମୃତଙ୍କ ଅମର ଆତ୍ମାର ସଦଗତି ପାଇଁ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ପକ୍ଷରୁ କ୍ୟାଣ୍ଡେଲ ଯାତ୍ରା କରାଯାଇଛି। ଚେୟାରମ୍ୟାନ ଗିରିଜା ଶଙ୍କର ସାହୁଙ୍କ ନେତୃତ୍ୱରେ ସମସ୍ତ କାଉନ୍‌ସିଲର, କାର୍ଯ୍ୟାଳୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ସ୍ଥାନୀୟ ଗାନ୍ଧି ଛକଠାରେ ଏକତ୍ରିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ନିରବ ପ୍ରାର୍ଥନା କରିଥିଲେ। ଏଥିସହିତ ସମସ୍ତେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ରକ୍ତଦାନ ନିମନ୍ତେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଲୋକଙ୍କ ଭିଡ଼।

# ଖାଦ୍ୟ ଯୋଗାଇଲେ ସ୍ୱେଚ୍ଛାସେବୀ



**ବାଲେଶ୍ୱର ଅଫିସ ,୩।୬**

ବାଲେଶ୍ୱର ଜିଲା ବାହାନଗା ନିକଟରେ ଭୟଙ୍କର ଦୁର୍ଘଟଣା ପରେ ଘଟଣାସ୍ଥଳ ଏବଂ ବିଭିନ୍ନ ଡାକ୍ତରଖାନାରେ ଭିଡ଼ ଜମିଥିଲା। ଏମିତିକି ଦୂରଦୂରାନ୍ତରୁ ଲୋକମାନେ ଆସି ନିଜର ପରିବାର ଲୋକମାନଙ୍କୁ ଖୋଜିବାରେ ଲାଗିଥିଲେ। ଅତ୍ୟଧିକ ଖରା ଯୋଗୁ ପାନୀୟ ଜଳ ଏବଂ ଖାଦ୍ୟଅଭାବ ଦେଖାଦେଇଥିଲା। ଏହାକୁ ଲକ୍ଷ୍ୟ ରଖି ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ରୋଗୀଙ୍କ ସମେତ ସମ୍ପର୍କୀୟଙ୍କ ପାଇଁ ଖାଦ୍ୟ ଯୋଗାଇ ଦେଇଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ପୋଲିସ, ଓଡ୍ରାଫ, ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ପାଇଁ ପାନୀୟ ଜଳ, ବିସ୍କୁଟ ଏବଂ ଟିଫିନ୍ ବ୍ୟବସ୍ଥା କରିଥିଲେ।

# ମାନବିକତା ଦେଖାଇଲେ ଲୋକେ

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ, ୩।୬**

ବାଲେଶ୍ୱର ଜିଲା ବାହାନଗା ନିକଟରେ ଭୟଙ୍କର ଦୁର୍ଘଟଣା ପରେ ଶତାଧିକ ଲୋକ ଆହତ ଓ ଗୁରୁତର ହୋଇଥିବା ଖବର ପାଇବା ପରେ ବାଲେଶ୍ୱରବାସୀ ସ୍ୱତଃପ୍ରବୃତ୍ତ ଭାବେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ ପହଞ୍ଚିଥିଲେ। ରକ୍ତ ଆବଶ୍ୟକ ଥିବା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ସଙ୍ଗେ ସଙ୍ଗେ ଶତାଧିକ ଲୋକ ରକ୍ତ ଭଣ୍ଡାରରେ ପହଞ୍ଚି ରକ୍ତଦାନ ପାଇଁ ପ୍ରସ୍ତୁତ ହୋଇଥିଲେ। ପ୍ରାୟ ରାତି ୩ଟା ପର୍ଯ୍ୟନ୍ତ ଲୋକମାନେ ଧାଡ଼ିରେ ଛିଡ଼ା ହୋଇ ରକ୍ତଦାନ କରିଥିଲେ। ଶୁକ୍ରବାର ରାତିରେ ୯ଶହରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯାହା ଆହତ ଓ ଗୁରୁତର ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ସହାୟକ ହେଉଥିବା ଜଣାପଡ଼ିଛି। ଏପରି ସେବା ମନୋବୃତ୍ତିକୁ ଦେଖି ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ମାନବିକତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ଭଦ୍ରକ ଜିଲା ମୁଖ୍ୟଚିକିତ୍ସାଳୟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ମହିଳା ଏବଂ ଯୁବତୀ ଯୁବକ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେବାକୁ ଆଗେଇ ଆସିଥିଲେ। ରକ୍ତଭଣ୍ଡାରରେ ରକ୍ତଦାନ କରିବା ପାଇଁ ଲୋକଙ୍କ ଲମ୍ବାଧାଡ଼ି ଲାଗିଥିଲା। ଶୁକ୍ରବାର ରାତିରେ ୮୪ ୟୁନିଟ୍ ଓ ଶନିବାର ୩ଶହରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

# ବିଧାୟକଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

**ବାଲେଶ୍ୱର ଅଫିସ, ୩।୬**

ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତର ଓ ଆହତ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ସେମାନଙ୍କ ନିମନ୍ତେ ଶୁଖିଲା ଖାଦ୍ୟ ଫଳ, ବିସ୍କୁଟ ଓ ପାନୀୟ ଜଳବ୍ୟବସ୍ଥା କରିଥିଲେ।



ରୋଗୀଙ୍କୁ ଶୁଖିଲା ଖାଦ୍ୟ ଦିଆଯାଉଛି।

# ଆହତଙ୍କ ପାଇଁ ରକ୍ତ ଦାନ କଲେ ଅମଲା

**କେନ୍ଦୁଝର,୩।୬ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଅମଲା ସଂଘ ସଦସ୍ୟମାନେ ଗୁରୁବାରଠାରୁ ବିଭିନ୍ନ ଦାବିରେ ସମୂହ ଛୁଟିରେ ରହି ଆନ୍ଦୋଳନ କରୁଛନ୍ତି। ସଂଘର ସଦସ୍ୟାସଦସ୍ୟମାନେ ଶନିବାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ପାଇଁ ସ୍ଥାନୀୟ ଦରବାରହଲଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିରର ଆୟୋଜନ କରିଥିଲେ। ସ୍ୱତଃପ୍ରବୃତ୍ତ ଭାବରେ ଅମଲାମାନେ ରକ୍ତଦାନ କରି ମାନବିକତା ପ୍ରଦର୍ଶନ କରିଥିଲେ। ଭୟଙ୍କର ଦୁର୍ଘଟଣାକୁ ନେଇ ସାରା ଦେଶରେ ଶୋକ ଖେଳିଯାଇଥିବା ବେଳେ ଆନ୍ଦୋଳନରତ ଅମଲାମାନେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତମାନଙ୍କ ପାଇଁ ରକ୍ତ ଦାନ କରିଛନ୍ତି।



ଅମଲା ସଂଘ ସଦସ୍ୟମାନେ ରକ୍ତଦାନ କରୁଛନ୍ତି।

# ଅଧା ରହିଗଲା ସ୍ୱପ୍ନ

**ବାଲିଆପାଳ, ୩।୬(ସ୍ୱ.ପ୍ର.)**

ବାହାନଗାଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ହୃଦୟବିଦାରକ ଟ୍ରେନ ଦୁର୍ଘଟଣାରେ ବାଲିଆପାଳର ମୁକ୍ତିକାନ୍ତ ରାଉଳ(୨୩)ଙ୍କ ପ୍ରାଣ ଯାଇଛି। ମୁକ୍ତିକାନ୍ତ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଖଗଡାପାଳ ଗ୍ରାମର ଭାଗବତ ରାଉଳଙ୍କ ଏକମାତ୍ର ପୁତ୍ର। ବର୍ଷେ ତଳେ ଡାକ ବିଭାଗରେ ଚାକିରି ପାଇ ଭଦ୍ରକ ଜିଲା ବାସୁଦେବପୁରରେ ଚାକିରି କରିଥିଲେ। ଶୁକ୍ରବାର ଭଦ୍ରକରୁ ସାଲିମାର ଏକ୍ସପ୍ରେସରେ ବାଲେଶ୍ୱର ଆସୁଥିଲେ। ରାତିରେ ବାଲେଶ୍ୱରରେ ତାଙ୍କ ବନ୍ଧୁଙ୍କ ଘରେ ରହି ଶନିବାର ସକାଳେ ଆର୍‌ଟିଓ ଅଫିସରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ପରୀକ୍ଷା ଦେଇ ଘରକୁ ଆସିଥାଆନ୍ତେ। ମାତ୍ର ସବୁ ଓଲଟା ପାଲଟି ହୋଇଗଲା। ନିଜ ପୁଅର ଭବିଷ୍ୟତକୁ ନେଇ ପିତାମାତାଙ୍କ ସବୁ ସ୍ୱପ୍ନ ଅଧା ବାଟରେ ରହିଗଲା। ସବୁଦିନ ପାଇଁ ମୁକ୍ତିକାନ୍ତଙ୍କ ଦୀପ ଲିଭିଗଲା। ତାଙ୍କ ପରିବାରବର୍ଗଙ୍କୁ ଅସୀମ ସାହସ ପ୍ରଦାନ କରନ୍ତୁ ବୋଲି ଗ୍ରାମବାସୀ ପ୍ରାର୍ଥନା କରିଛନ୍ତି।



ମୁକ୍ତିକାନ୍ତ ରାଉଳ

# ଟ୍ରେନ ଦୁର୍ଘଟଣାରେ ବୈଶିଙ୍ଗାର ୨ ଗୁରୁତର

ବୈଶିଙ୍ଗା, ୩।୬(ଡି.ଏନ.ଏ.)-ଶୁକ୍ରବାର ସନ୍ଧ୍ୟାରେ ବାହାନଗାଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ପଞ୍ଚାୟତର ୧୧ ଜଣ ଯୁବକ ଏକ ଗ୍ରୁପରେ କାମ କରିବା ପାଇଁ ଚେନ୍ନାଇ ଯାଉଥିଲେ। ସେହି ୧୧ ଜଣଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇ ଏସ୍‌ସିବି ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ମାନଙ୍କର ପତ୍ତା ମିଳିନାହିଁ। ଆହତଦ୍ୱୟ ହେଲେ ବୈଶିଙ୍ଗା ପଞ୍ଚାୟତ ଅଧୀନ ମହୁରୀ ଗ୍ରାମର ବସନ୍ତ ରାଉତଙ୍କ କନିଷ୍ଠପୁତ୍ର ଦୀପୁ ରାଉତ(୧୯) ଏବଂ କଦଳିଆ ଗ୍ରାମର ସୋମନାଥ ଦେହୁରୀଙ୍କ ପୁଅ ସୁମନ ଦେହୁରୀ (୨୨)। ଏହି ଦୁଇ ଜଣ ପ୍ରଥମେ ବାଲେଶ୍ୱର ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକସ୍ଥିତ ଏସସିବି ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି।

